# ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ମହାବୀର ଉପାସନା

କାଞ୍ଚି ନାରାୟଣ ମହାନ୍ତି

ବିଶ୍ୱ ବ୍ରହ୍ମାଣ୍ଡର ନାୟକ ପୁଣି ଅନାଦି କାଳରୁ ସର୍ବ ଉପାସ୍ୟ ଦେବତା । ସେ ଅଜ୍ଞେୟ। କେତେ ମତ, କେତେ ତତ୍ତ୍ୱ, କେତେ ଧର୍ମ ଓ କେତେ ଦର୍ଶନ, କେତେ ଶରଣାଗତି, କେତେ ଆକ୍ରମଣ, କେତେ ବୈଚିତ୍ର୍ୟ କେତେ ଉପାସ୍ୟ ସବୁ ସମନ୍ୱୟର ଅଧୀଶ୍ୱର ! ତାର ପ୍ରତିଦିନ ଚାଲିଥାଏ ନୂଆ ଉଦ୍‌ବୋଧନ । ଯୁଗ ଯୁଗ ଅବତାର ଗ୍ରହଣ କରି ସଂସାରକୁ ବିପତ୍ତିରୁ ଉଦ୍ଧାର କରିଛ। ସଂକଟମୋଚନ କରିଛ। ସାଧୁସନ୍ଥମାନଙ୍କୁ ପରିତ୍ରାଣ କରିଛ। ଦୁଃଖୀର ଦୂରିତ ନାଶନ କରିଛ। ତୁମେ ନାରାୟଣ, ତୁମେ ରାମ, ତୁମେ ଶ୍ୟାମ ପୁଣି ପରଂବ୍ରହ୍ମ। କଳିଯୁଗର ଅଲୌକିକ ଲୀଳା ପ୍ରକଟ କରି ଦାରୁଦେବତା ପରିଗ୍ରହ କରିଛନ୍ତି ପରଂବ୍ରହ୍ମ ଭାବରେ ।

ପରମପୁରୁଷ ପୁରୁଷୋତ୍ତମ, ସର୍ବଧର୍ମ ସମନ୍ୱୟର ପ୍ରତୀକ ଦେବତା। ଭାବ, ଭକ୍ତି, ଉପଚାରରେ ଯାହାଙ୍କ ଉପାସନା। ଗୁଣାତୀତ, ତର୍କାତୀତ, ସର୍ବମୂଳାଧାର ସର୍ବବ୍ୟାପୀ, ସର୍ବମୟ, ସର୍ବ ନିୟନ୍ତା, ସର୍ବନାମ। ତାଙ୍କୁ ଯେ ଯେଉଁ ନାମରେ ଡ଼ାକିଛି ସେ ତା'ର ଅନ୍ତରର କଥା ବୁଝିଛନ୍ତି ।

ତାଙ୍କର ଶାଶ୍ୱତ ସଂସ୍କୃତିର ମହାସାଗରରେ ବିଲୀନ ହୋଇଯାଇଛି କେତେ ଧର୍ମ ଓ ବିଶ୍ୱାସ । ତମ ନିକଟରେ ସବୁ ତତ୍ତ୍ୱ ତୁଚ୍ଛ । କେବଳ ସ୍ୱଚ୍ଛ , ଶୁଦ୍ଧଚିତ୍ତ ଭକତ ହାତରୁ ତୋଳି ନିଅନ୍ତି ନୀଳକଇଁ, ଆମ୍ବ, ନଡ଼ିଆ, ଖୁଦଭଜା, କୋଳି । ସବୁଧର୍ମର ଉପାସକମାନେ ତୁମଠାରେ ଉପଲବ୍ଧି କରିଛନ୍ତି ସେମାନଙ୍କର ଉପାସ୍ୟ ଦେବତାଙ୍କୁ ।

ତମ ପାଇଁ ମନ୍ତ୍ରତନ୍ତ୍ରର ଆବଶ୍ୟକତା ନାହିଁ । ତମ ପାଖରେ ଜାତି ଅଜାତି ଭେଦଭାବ ନାହିଁ। ତମେ ଗଣଦେବତା ଜଗତଜୀବନ। ତମେ ଭକ୍ତ ବତ୍ସଳ, ସତେ ଯେମିତି ଭକ୍ତମାନଙ୍କୁ ବାହୁମେଲି କୋଳେଇ ନେବାକୁ ଉଦ୍‌ଗ୍ରୀବ ତମ ବିଶାଳ ହୃଦୟ। ଭକତ ମେଳିରେ ପ୍ରତିବର୍ଷ ତୁମେ ରତ୍ନ ସିଂହସନ ତ୍ୟାଗକରି ପାର୍ଶ୍ୱ ଦେବଦେବୀମାନଙ୍କୁ ଏପରି କି ମାଆ ଲକ୍ଷ୍ମୀଙ୍କୁ ଭୁଲି ଗୁଣ୍ଡିଚା ରାଣୀଙ୍କର କଥା ରକ୍ଷା କରି ଜନ୍ମବେଦିକୁ ଚାଲିଆସ । ଏଭଳି ମହାପ୍ରଭୁ ଚଳନ୍ତି ଠାକୁରଙ୍କର ରଥଯାତ୍ରା ପରମ୍ପରା ଅନ୍ୟତ୍ର ଦେଖିବାକୁ ମିଳେନାହିଁ । ଶ୍ରୀମନ୍ଦିରରେ ଅବା ଶ୍ରୀକ୍ଷେତ୍ରରେ ପୂଜିତ ଯେତେ ଦେବଦେବୀ ସମସ୍ତ ପ୍ରଭୁଙ୍କର ଉପାସନା, ସେବା, ସଂସ୍କୃତି ସହିତ ବିବିଧ ଭାବରେ ଜଡ଼ିତ ହେତୁ ପ୍ରଭୁଙ୍କ ପରିପାର୍ଶ୍ୱ ଦେବଦେବୀଗଣ ମଧ୍ୟ ସମଭାବରେ ମହତ୍ତ୍ୱପୂର୍ଣ୍ଣ ଓ ଉପାସ୍ୟ। କେଉଁ ସ୍ମରଣାତୀତ କାଳରୁ ଶ୍ରୀମନ୍ଦିରରେ ମହାବୀର ହନୁମାନଙ୍କର ସେବା ପୂଜାର ବ୍ୟବସ୍ଥା ରହିଛି ।

ମହାପ୍ରଭୁଙ୍କ ସମ୍ପର୍କରେ ରଚିତ ଇନ୍ଦ୍ରମଣି ପୁରାଣରେ ଭଗବାନ ମହାବଳୀ ହନୁମାନଙ୍କର ଭକ୍ତିରେ ପ୍ରସନ୍ନ ହୋଇ ବର ପ୍ରଦାନ କରିଥିଲେ । ପୁରାଣ ବର୍ଣ୍ଣନା ଅନୁଯାୟୀ ପ୍ରଭୁ କହିଥିଲେ- ହେ କପିବର ! ତୁମ ସମର୍ପିତ ସେବା ଜଗତରେ ଶ୍ରେଷ୍ଠ ଓ କରଣୀୟ। ତୁମେ ଏ ଶ୍ରୀକ୍ଷେତ୍ର ପୁରୁଷୋତ୍ତମରେ ମୋର ପ୍ରିୟତମ ଭକ୍ତ ରୂପେ ରହିବା ପାଇଁ ସ୍ଥାନ ପାଇବ। ପ୍ରତି ଗୃହେ, ଗ୍ରାମେ, ନଗ୍ରେ ତୁମର ପୂଜା ଅନୁଷ୍ଠିତ ହେବ ଏବଂ ଏହି ପୁଣ୍ୟକ୍ଷେତ୍ରରେ ପ୍ରତି ଧ୍ୱଜାରେ କପି ଚିହ୍ନିତ ହୋଇ ଗଗନ ପବନକୁ ପବିତ୍ର କରିବ। ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ପ୍ରଭୁଙ୍କର ଝୁଲଣଯାତ୍ରା ଚନ୍ଦନଯାତ୍ରା ବିମାନରେ ନବକଳେବର ଦାରୁ ସନ୍ଧାନ ସମୟରେ କପିକେତନ ନେବା ପରମ୍ପରା ରହିଛି । ମହାଭାରତ ଯୁଦ୍ଧ ସମୟରେ ନନ୍ଦିଘୋଷ ରଥରେ କପିବର ନେତରେ ସ୍ୱୟଂ

ମହାବୀର ରହି ରଥକୁ ନିୟନ୍ତ୍ରଣ କରୁଥିଲେ ବୋଲି ବର୍ଣ୍ଣନା ରହିଛି ।

ହନୁମାନ ହେଉଛନ୍ତି, ଭାରତୀୟ ଆଧାତ୍ମିକ ଦର୍ଶନରେ ଜଣେ ଆଦର୍ଶ ଭକ୍ତର ନିଦର୍ଶନ, ଭକ୍ତ ଶିରୋମଣି ସେ ହେଉଛନ୍ତି ଶକ୍ତି ଅର୍ଥାତ୍ ସୀତାମାତା, ବ୍ରହ୍ମ ଅର୍ଥାତ୍ ଶ୍ରୀରାମଙ୍କ ଏକୀଭୂତ ବିଗ୍ରହ । ଜୀବ ଓ ପରମର ସଂଯୋଗ ନିମିତ୍ତ ଆୟୁଧ । ସେ ଅଚଳାଚଳ ଭକ୍ତି ସ୍ୱରୂପ ତାଙ୍କ ହୃଦୟରେ ସଦା କଳନା କରୁଥିବା ପରମ ବନ୍ଦନୀୟ ସୀତାରାମଙ୍କୁ ଛାତି ଚିରି ଦେଖାଇ ଦେଇଥିଲେ। ଭଗବତ୍ କୃପା ଲାଭକରି ସେ ଚିର ଅମର ହୋଇ ରହିଛନ୍ତି । ଶାସ୍ତ୍ର କହେ, ଯେଉଁ ସାତଜଣ ଶ୍ରେଷ୍ଠ ଦିବ୍ୟସତ୍ତା ଚିରଞ୍ଜୀବୀ ହୋଇ ରହିଛନ୍ତି ସେମାନେ ହେଲେ – ସତ୍ୟଯୁଗରେ ବାଳୀ, ତ୍ରେତୟାରେ ମହାବୀର ହନୁମାନ, ପରଶୁରାମ ଓ ବିଭୀଷଣ, ଦ୍ୱାପରରେ କୃପାଚାର୍ଯ୍ୟ, ବ୍ୟାସଦେବ ଓ ଅଶ୍ୱତ୍ଥମା ।

ପ୍ରଭୁ ଶ୍ରୀରାମଙ୍କର ପରମ ଭକ୍ତ ହନୁମାନ ବାନର ରୂପ ଧାରଣ କରିଥିଲେ ସତ କିନ୍ତୁ ଅସୀମ ସଦ୍‌ଗୁଣ ଯୋଗୁଁ ସେ ଏଭଳି ବରପ୍ରାପ୍ତ ହୋଇଥିଲେ ଯେ ତାଙ୍କୁ ଉପାସନା କଲେ ସବୁ କିଛି ଅଭିଳାଷ ପୂରଣ ହୋଇଥାଏ ।

ପ୍ରଭୁ ହନୁମାନ ଦେବାଦେବୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେବାର ଚାରିଟି ମୁଖ୍ୟ କାରଣ ରହିଛି । ପ୍ରଥମତଃ ସେ ଅତୁଳନୀୟ ବଳବିକ୍ରମର ଅଧିକାରୀ, ଦ୍ୱିତୀୟରେ ଜ୍ଞାନଗରିମା ସହିତ ଗୁଣବାନ ମଧ୍ୟ, ତୃତୀୟରେ ସବୁକିଛି ସଦ୍‌ଗୁଣର ଅଧିକାରୀ ହୋଇ ମଧ୍ୟ ସେ ସମର୍ପିତ ପ୍ରଭୁ ଭକ୍ତି ପରାୟଣ, ଚତୁର୍ଥରେ ସେ ଚିର ଅମର ଓ ମୃତ୍ୟୁଞ୍ଜୟ। ଅଞ୍ଜନୀ ପୁତ୍ର ହନୁମାନଙ୍କର ଜନ୍ମ ଯେଭଳି ଅପୂର୍ବ ତାଙ୍କର ଅମାପ ଶକ୍ତିର ପରୀକ୍ଷା ମଧ୍ୟ ଯୁଗେ ଯୁଗେ ପରୀକ୍ଷିତ। ଆଜନ୍ମ ବ୍ରହ୍ମଚାରୀ ସେ। ଭୀମ ଆତ୍ମଗର୍ବୀ ଥିଲେ। ସେ ଭାବୁଥିଲେ ତାଙ୍କଠାରୁ ବଳି ଶକ୍ତିମାନ କେହି ନାହିଁ। ହନୁମାନଙ୍କୁ ଦେଖି ସାମାନ୍ୟ ବାନର ଜ୍ଞାନ କରୁଥିଲେ। ହନୁମାନଙ୍କର ପରାକ୍ରମ ପରୀକ୍ଷା କରିବେ କ'ଣ ତାଙ୍କର ଲାଞ୍ଜଟାକୁ ମଧ୍ୟ ଭୂମିରୁ ଉଠାଇ ପାରି ନଥିଲେ ।

ସେହିପରି ଚକ୍ରଧାରୀ ଶ୍ରୀକୃଷ୍ଣ ପତ୍ନୀ ସତ୍ୟଭାମା, ସୁଦର୍ଶନ ଓ ଗରୁଡ଼ଙ୍କର ଗରିମା ହନୁମାନଙ୍କର ସହାୟତାରେ ଭାଙ୍ଗି ଦେଇଥିଲେ ।

ପ୍ରଭୁ ଶ୍ରୀରାମଙ୍କର କୃପାଲାଭ କରିଥିବା ଗୋସ୍ୱାମୀ ତୁଳସୀ ଦାସ ତାଙ୍କ ରଚିତ ଚାଳିଶାରେ ବିଷୟାସକ୍ତ ମୋହମଗ୍ନ ମୂଢ଼ ମନୁଷ୍ୟଙ୍କୁ ବିବିଧ ସଂକଟରୁ ଉଦ୍ଧାର କରିବା ପାଇଁ ହନୁମାନଙ୍କୁ ସ୍ମରଣ କଲେ ସନ୍ତାପରୁ ମୁକ୍ତି ମିଳିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ସେ ଏ କଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ହନୁମାନ ଚାଳିଶା ହେଉଛି ବହୁ ପରୀକ୍ଷିତ ମହାମନ୍ତ୍ର ସଦୃଶ ।

ମହାବିଷୁବ ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ କରାଯାଏ । ଏହା ମଧ୍ୟ ଉତ୍କଳର ନବବର୍ଷର ଶୁଭଦିନ । ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ ପାଳନ ଉପଲକ୍ଷେ ପୂଜାପଣ୍ଡା ସେବକ ପ୍ରଭୁଙ୍କର ଆଜ୍ଞାମାଳ ପ୍ରାପ୍ତ ହୋଇ ଦକ୍ଷିଣ ଘରେ ବିରାଜିତ ହନୁମାନଙ୍କୁ ନେଇ ଝୁଲଣ ମଣ୍ଡପ ନିକଟରେ ସଜ ହୋଇଥିବା ବିମାନରେ ବିଜେ କରାନ୍ତି ।

ଶ୍ରୀମନ୍ଦିରର ଚାରି ଦୁଆରେ ବିରାଜିତ ମହାବୀର ଓ ଦକ୍ଷିଣ ପାର୍ଶ୍ୱ ବେଢ଼ା ବାହାରେ ଥିବା ମହାବୀରଙ୍କୁ ମହା ସମାରୋହରେ ଘଣ୍ଟଘଣ୍ଟା, କାହାଳୀ, ବାଦ୍ୟବାଜଣା ମଧ୍ୟରେ ଜଗନ୍ନାଥ ବଲ୍ଲଭ ମଠ ପ୍ରାଙ୍ଗଣକୁ ଯାଆନ୍ତି । ସେଠାରେ ଅବସ୍ଥିତ ହନୁମାନଙ୍କୁ ଲାଗି କରାନ୍ତି। ସେଠାରୁ ପଟୁଆର ନେଇ ଦରିଆପାରି ହନୁମାନଙ୍କୁ ଲାଗି କରିବାକୁ ବାହାରନ୍ତି ।

ସେଠାରୁ ଫେରିବା ପରେ ଜଗନ୍ନାଥ ବଲ୍ଲଭ ମଠରେ ବିଶେଷ ଭୋଗରାଗ ବ୍ୟବସ୍ଥା ହୋଇଥାଏ। ସେଠାରୁ ଶ୍ରୀମନ୍ଦିରର ଦକ୍ଷିଣ ଦୁଆରକୁ ଯେଉଁ ବାହୁଡ଼ାବିଜେ କରିଥାନ୍ତି, ତାହା ଭକ୍ତଜନମାନେ ଦେଖି ବିଭୋର ହୋଇଥାନ୍ତି ।

ଶ୍ରୀରାମଙ୍କ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀରାମ ରୂପେ ଆରାଧନା କରିଥାନ୍ତି । ପ୍ରଭୁ ଶ୍ରୀରଘୁନାଥ ଯେତେବେଳେ ଶ୍ରୀମନ୍ଦିରରେ ରହିଲେ ତାଙ୍କର ସେବକ ହନୁମାନ ଅବଶ୍ୟ ରହିବେ। ସେଥିପାଇଁ ତାଙ୍କୁ ମନ୍ଦିରରେ ବିବିଧ ସ୍ଥାନରେ ସ୍ଥାପନା

କରାଯାଇଛି । ଅନେକ ଗବେଷକମାନଙ୍କର ମତ ଯେ ସେ ଶ୍ରୀନୀଳଚକ୍ର ଓ ଶ୍ରୀମନ୍ଦିର ସହିତ ମହୋଦଧି ଓ ପ୍ରାକୃତିକ ବିପର୍ଯ୍ୟୟରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରକୁ ସୁରକ୍ଷା ଦେଇଥାନ୍ତି । ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଚାରିଦ୍ୱାରରେ ଚାରି ହନୁମାନ ବା ଚାରି ମହାବୀର ବିଦ୍ୟମାନ । ସେମାନେ ହେଲେ– ପୂର୍ବ ଦ୍ୱାରରେ ଫତେ ମହାବୀର, ପଶ୍ଚିମ ଦ୍ୱାରରେ କାନପତା ବା ବୀର ବିକ୍ରମ ମହାବୀର, ଦକ୍ଷିଣ ଦ୍ୱାରରେ ବାରଭାଇ ମହାବୀର, ଉତ୍ତର ଦ୍ୱାର ରକ୍ଷକ ଭାବେ ଚାରିଚକ୍ର ମହାବୀର ବା ତପସ୍ୱୀ ମହାବୀର । ତାଙ୍କୁ ମଧ୍ୟ ଅଷ୍ଟଭୁଜା ମହାବୀର କୁହାଯାଏ । କାନପତା ମହାବୀରଙ୍କ ଯୋଗୁଁ ସମୁଦ୍ର ଯେତେ ଗର୍ଜନ କଲେ ମଧ୍ୟ ଶ୍ରୀମନ୍ଦିର ପାଚେରି ଭିତରକୁ ପ୍ରବେଶ କରେ ନାହିଁ । ବସ୍ତୁତଃ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ସମୁଦ୍ର ଗର୍ଜନ ଶୁଭେ ନାହିଁ ।

ଏହାଛଡ଼ା ଶ୍ରୀକ୍ଷେତ୍ରର ପଞ୍ଚକୋଶି ମଧ୍ୟରେ ଅନେକ ମହାବୀର ବିରାଜିତ ରହି ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ସୁରକ୍ଷା କରି ଚାଲିଛନ୍ତି । ଷୋଳମୂର୍ତ୍ତି ହନୁମାନ ବିଗ୍ରହ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦାୟିତ୍ୱରେ ରହିଛନ୍ତି । ଏମାନେ ସିନ୍ଦୂର ବିହୀନ ମୂର୍ତ୍ତି । ଅନ୍ୟ ସମସ୍ତ ହନୁମାନଙ୍କଠାରେ ସିନ୍ଦୂର ମଖା ଯାଇଥାଏ କେବଳ ଏମାନେ ବ୍ୟତିକ୍ରମ । ଆନନ୍ଦ ବଜାରରେ କୋଠଭୋଗ, ଭୋଗ ବିକ୍ରୟ, ଭକ୍ତମାନଙ୍କ ଆତ୍ମତୃପ୍ତି ମହାପ୍ରସାଦର ମାହାତ୍ମ୍ୟ ରକ୍ଷା ତଥା ଶୃଙ୍ଖଳା ପାଇଁ ଏହି ହନୁମାନମାନେ ବିରାଜିତ ।

ଶ୍ରୀମନ୍ଦିରର କାରୁକାର୍ଯ୍ୟମୟ ନାଟମଣ୍ଡପ ହନୁମାନ ବିରାଜମାନ କରିଛନ୍ତି । ତାଙ୍କର ଦାୟିତ୍ୱ ହେଲା ଆଗନ୍ତୁକ ଯାତ୍ରୀ, ଭକ୍ତ, ସାଧକ, ସନ୍ନ୍ୟାସୀ ମୁନିଋଷି ମହାପୁରୁଷମାନେ ଯେପରି ଶୃଙ୍ଖଳିତ ଭାବେ ପ୍ରଭୁଙ୍କ ଦର୍ଶନ ସୁଯୋଗ ଲାଭ କରିବେ, ତାହା ସେ ଦେଖନ୍ତି । ପଶ୍ଚିମ ପାର୍ଶ୍ୱ ବାହାର ବେଢ଼ାରେ ବିରାଜିତ ପ୍ରତ୍ୟକ୍ଷ ମହାବୀର ହେଲେ ଦେବ ଦ୍ୱାରପାଳ ପଞ୍ଚମୁଖୀ ହନୁମାନ । ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିକୁ ଯେଉଁମାନେ ମୁକ୍ତ ହସ୍ତରେ ଦାନ କରନ୍ତି ସେହି ଭକ୍ତଜନମାନଙ୍କୁ ପଞ୍ଚମୁଖୀ ହନୁମାନ ଆଶୀର୍ବାଦ ପ୍ରଦାନ କରିଥାନ୍ତି । ଯେଉଁମାନେ ନାମ ଫଳକ ପକାଇବାକୁ ଚାହିଁଥାନ୍ତି ସେସବୁ ତାଙ୍କ ପାଖରେ ଦେଖିବାକୁ ମିଳେ ।

ଶ୍ରୀମନ୍ଦିରର ନାଟମଣ୍ଡପରେ, ସ୍ତମ୍ଭମାନଙ୍କରେ, ସରଘରେ, କୂର୍ମ ବେଢ଼ାରେ ପଥର, ଧାତୁ ତଥା ରଙ୍ଗତୂଳୀର ଚିତ୍ରିତ ମହାବୀର ପୂଜା ପାଉଥିବା ଦେଖାଯାଏ । ଏହି ମହାବୀରମାନେ ଭକ୍ତଜନମାନଙ୍କର ସଂକଟମୋଚନ କରିଥାନ୍ତି ।

ପଞ୍ଚମୁଖୀ ମହାବୀରଙ୍କର ପାଞ୍ଚମୁଖ କାହିଁକି ହେଲା ଓ ସେ କାହିଁକି ସ୍ଥାପିତ ହେଲେ ଏ ସମ୍ପର୍କରେ ଚମତ୍କାର ଆଖ୍ୟାୟିକା ରହିଛି । ସେ ସମସ୍ତ ବିସ୍ତୃତ ଅଧ୍ୟାୟ ଏହି କ୍ଷୁଦ୍ର ନିବନ୍ଧରେ ଉପସ୍ଥାପନା ସମ୍ଭବ ନୁହେଁ । ଅନୁରୂପ ଭାବରେ ଶ୍ରୀମନ୍ଦିର ସହ ସଂପୃକ୍ତ ଅନ୍ୟ ଅନେକ ମହାବୀର ଅଛନ୍ତି, ସେମାନେ ହେଲେ– ସିଦ୍ଧ ମହାବୀର, ଦରିଆ ମହାବୀର, ସୁଡ଼ଙ୍ଗ ମହାବୀର, ଶିରୁଳୀ ମହାବୀର, ମକରଧ୍ୱଜ ମହାବୀର, ମଶାଣି ମହାବୀର, ବର୍ଗୀ ମହାବୀର । ସମସ୍ତଙ୍କର ମଧ୍ୟ ସ୍ୱତନ୍ତ୍ର ମହିମା ରହିଛି । ସେମାନଙ୍କର ଶ୍ରୀମନ୍ଦିର ସହ ସଂପୃକ୍ତି ମଧ୍ୟ ସମୟକ୍ରମେ ଆଲୋଚିତ ହୋଇସାରିଛି କିମ୍ବା ଉପସ୍ଥାପିତ ହୋଇପାରେ ।

ସର୍ବୋପରି ସାରା ଓଡ଼ିଶାର ଯେତେ ଦେବଦେବୀ, ଯେତେ ମଠ, ଭାଗବତ ଅନୁଷ୍ଠାନ ଓ ଆଶ୍ରମ ଅଛି, ସବୁର ଉପରେ ସେଇ ନାଥ ମଉଡ଼ମଣି ଶ୍ରୀଜଗନ୍ନାଥ । ଆମ ଜାତିର ସେ ହେଲେ ଇଷ୍ଟ । ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ହେଲା ଆମର ଇଷ୍ଟକ୍ଷେତ୍ର । ପୁରୀ ହେଲା ସବୁ ତୀର୍ଥର ତୀର୍ଥ ତୀର୍ଥରାଜ । ମହୀମଣ୍ଡଳରେ ପୁରୀ ହେଲା ମହାମଣ୍ଡଳ । ସେ ଆମ ଓଡ଼ିଆମାନଙ୍କର ଦିଅଁ ଯେ କି ଏକମାତ୍ର ଧ୍ୟେୟ । ସେ ପୁଣି ବିଶ୍ୱ ଚିନ୍ତାମଣି । ପବିତ୍ର ଶ୍ରୀଗୁଣ୍ଡିଚାରେ ପ୍ରତି ବର୍ଷ ତାଙ୍କର ଘୋଷଯାତ୍ରା ଜଗତବାସୀ ଦେଖିବା ପାଇଁ ସତୃଷ୍ଣ ନୟନରେ ଚାହିଁ ରହିଥାନ୍ତି ।

ଆଶ୍ରମ, ଶ୍ରୀବିହାର, କଟକ